JAPAN
Official Development Assistance
JICA

# OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

### ପ୍ରକଳ୍ପ ସୂଚନାପତ୍ର

ଭାଗ – ୨ ସଂସ୍କରଣ – ୪ ଅକ୍ଟୋବର – ଡିସେମ୍ବର ୨୦୦୮

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ନିଜ ପରିବେଶ ସହ ଐକ୍ୟବଦ୍ଧଭାବେ ବାସ କରୁଥିବା ଗୋଷ୍ଠୀର ସାମୂହିକ ଅଭିଜ୍ଞତାରୁ ସଶକ୍ତିକରଣ ମନ୍ତ୍ର ଆରମ୍ଭ ହୋଇଥିବାରୁ ପ୍ରକଳ୍ପ ସେମାନଙ୍କ ନିକଟରେ କୃତଜ୍ଞ । ଫଳପ୍ରଦ କାର୍ଯ୍ୟକଳାପ ହିଁ ସମୃଦ୍ଧ ଭବିଷ୍ୟତର ଉତ୍ସ । ହସ୍ତକ୍ଷେପ ଆରମ୍ଭ ହୋଇଥିବା ସ୍ଥାନ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଅଞ୍ଚଳ ପାଇଁ ଆଦର୍ଶଭାବେ ପରିଗଣିତ ହେବ ଏବଂ ଏ ନେଇ ଥିବା ଫାଙ୍କକୁ ଅତ୍ୟାବଶ୍ୟକଭାବେ ସମାଧାନ କରିବାର ଆବଶ୍ୟକତା ରହିଛି ଓ ପ୍ରକଳ୍ପ ହସ୍ତକ୍ଷେପ ଜନିତ ସମସ୍ତ ପ୍ରତିବନ୍ଧକ ହଟାଇବାକୁ ସମସ୍ତ ପଦକ୍ଷେପ ନେବା ସହ ଗୋଷ୍ଠୀର ସାମର୍ଥ୍ୟ ବୃଦ୍ଧି କରୁଛି । ଶେଷ ହୋଇଥିବା ତ୍ରୈମାସ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଅତି ଚଳଚଞ୍ଚଳ ଥିଲା । କାରଣ ପ୍ରକଳ୍ପର ସମୀକ୍ଷା ଉଚ୍ଚ କ୍ଷମତାସମ୍ପନ୍ନ କମିଟିରେ ଓ ଜାଇକା ମିଶନ ଦ୍ୱାରା ହୋଇଥିବାବେଳେ ଜୀବିକା ନିର୍ବାହ ସୁଯୋଗର ହସ୍ତକ୍ଷେପ ନିମନ୍ତେ ତାଲିମ ଶିବିର ଓ କର୍ମଶାଳାର ଆୟୋଜନ ହୋଇଥିଲା । କ୍ଷେତ୍ରରୁ ସଫଳତାର କାହାଣୀ ମିଳିବାରେ ଲାଗିଛି । ବିଭିନ୍ନ କାର୍ଯ୍ୟକଳାପର ଆବଶ୍ୟକତା ଓ ମୂଲ୍ୟାଙ୍କନ ନିର୍ଦ୍ଧାରଣ ପାଇଁ ହସ୍ତକ୍ଷେପଜନିତ ସଫଳତା ମାପ କରାଯାଉଛି । ଜୀବିକା ନିର୍ବାହ ସମ୍ପର୍କିତ ହସ୍ତକ୍ଷେପ ସମାନ୍ୟ ବିଳମ୍ବିତ ହେଉଛି କାରଣ



ଅଣୁଯୋଜନାରେ ତାଲିକାବଦ୍ଧ ହୋଇଥିବା ଆୟକାରୀ କାର୍ଯ୍ୟକଳାପର ସମୀକ୍ଷା କରାଯାଉଥିବା ବେଳେ ସମ୍ପଦର ବ୍ୟବହାର ଓ ବଜାର ସଂଯୋଗୀକରଣ ନେଇ ଏକ ନୀତି ପ୍ରସ୍ତୁତି ଉପରେ ପ୍ରକଳ୍ପ କାର୍ଯ୍ୟ କରୁଛି । ଗୋଷ୍ଠୀ ସମ୍ପଦ ବିକାଶ, ମୁଖ୍ୟ ଆୟକାରୀ କାର୍ଯ୍ୟକଳାପ ସହାୟତା ଏବଂ ଫାର୍ମ ଜଙ୍ଗଲ ତଥା ଗ୍ରାମବାସୀଙ୍କ ଅନ୍ୟ ମୌଳିକ ଆବଶ୍ୟକତା ପୂରଣ ଦ୍ୱାରା ଗୋଷ୍ଠୀ ସହାୟତାକୁ ନେଇ ଜୀବିକା ନିର୍ବାହ ସମ୍ପର୍କିତ ହସ୍ତକ୍ଷେପ ଜାରି ରହିଛି ।

ଆୟକାରୀ କାର୍ଯ୍ୟକଳାପ ପରିଚାଳନା କରୁଥିବା ସଂସ୍ଥା ଠାରୁ ରାଜ୍ୟସ୍ତରରେ ଦ୍ୱିପାକ୍ଷିକ ଶିକ୍ଷା ଗ୍ରହଣ ବାଦ ସମସ୍ତ ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପକୁ ନେଇ ଏକ ଜାତୀୟ ଦ୍ୱିପାକ୍ଷିକ ଶିକ୍ଷାଗ୍ରହଣ କର୍ମଶାଳା ଆୟୋଜନ ପାଇଁ ପ୍ରକଳ୍ପ ଯୋଜନା କରୁଛି । ଏହାଦ୍ୱାରା ପ୍ରତିପାଳନ ଜୀବିକା ନିର୍ବାହ ପ୍ରୋତ୍ସାହନ ପାଇଁ ବିଭିନ୍ନ ଧାରା, ଧାରଣାର ସହବଣ୍ଟନ ଓ ବିଶେଷ ବୁଝାମଣା ହୋଇପାରିବ ବୋଲି ଆଶା ରହିଛି ।

ମୁଁ ଆଶା କରୁଛି, ଜୀବିକା ନିର୍ବାହ ସମୀକ୍ଷା ଏବଂ ଶିକ୍ଷା ଗ୍ରହଣ ବ୍ୟବସ୍ଥା ଅଞ୍ଚଳଭିତ୍ତିକ ନିଷ୍ପତ୍ତିମୂଳକ ଆୟକାରୀ କାର୍ଯ୍ୟକଳାପ ସ୍ଥିରୀକରଣ ଶେଷ ହେବ ଓ ସମ୍ପୂର୍ଣ୍ଣ ଆୟକାରୀ କାର୍ଯ୍ୟକଳାପ ହସ୍ତକ୍ଷେପ ଆସନ୍ତା ବର୍ଷ ଠାରୁ ଆରମ୍ଭ ହେବ ।

- ଅରୁଣ କୁମାର ବଂସଲ

## ଧୂମବିହୀନ ଚୁଲା ଯୋଗାଇ ଗ୍ରାମାଞ୍ଚଳ ମହିଳାଙ୍କ ସମସ୍ୟା ଦୂରୀକରଣ





ଅନଗୁଳ ବନଖଣ୍ଡ ଅନ୍ତର୍ଗତ ପୁରୁଣାଗଡ଼ ରେଞ୍ଜ ଅଧୀନରେ ଥିବା ମଦନମୋହନପାଟଣା ବନ ସଂରକ୍ଷଣ ସମିତିର ସଭ୍ୟ ପରିବାରଗୁଡ଼ିକୁ ପ୍ରକଳ୍ପ ପକ୍ଷରୁ ଧୂମବିହୀନ ଚୁଲା ଯୋଗାଇ ଦିଆଯାଇଛି । ଏହି ଧୂମବିହୀନ ଚୁଲା ଗଠନ ଓ ସ୍ଥାପନ ଉପରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ଗ୍ରାମବିକାଶ' ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି । ଗ୍ରାମବିକାଶ ପକ୍ଷରୁ ଦୁଇଜଣଙ୍କୁ ତାଲିମ ଦିଆଯାଇ, ମୂଳ(ମାଷ୍ଟର) ତାଲିମ ଦାତା କରାଯାଇଛି । ପରେ ଦୁଇ ମୂଳ ତାଲିମଦାତା ଅନ୍ୟ ଦଶଜଣ ବ୍ୟକ୍ତିଙ୍କୁ ତାଲିମ ଦେଇଥିଲେ । ସେଥିରେ ଗ୍ରାମ ବନ ସହାୟକଙ୍କ ସମେତ କୁମ୍ଭାର ସମ୍ପ୍ରଦାୟର ବ୍ୟକ୍ତିମାନେ ସାମିଲ ଥିଲେ । ଏବେ ଏହି ଦଶଜଣ ବ୍ୟକ୍ତି ଧୂମବିହୀନ ଚୁଲା ସହ ଚିମନି ନିର୍ମାଣ କରୁଛନ୍ତି । ତେବେ ଏହି ଚିମିନିରେ ଲୁହା ବ୍ୟବହାର ନ ହୋଇ ପୋଡ଼ା ହୋଇଥିବା ମାଟି ପାତ୍ର ଓ କାଦୁଅ ବ୍ୟବହାର କରାଯାଇ ସ୍ଥାପନ କରାଯାଉଛି । ପ୍ରକଳ୍ପ ଅନ୍ତର୍ଗତ ଏହି ବନ ସଂରକ୍ଷଣ ସମିତିରେ ଜୀବିକା ନିର୍ବାହ ପନ୍ଥାକୁ ସହଯୋଗ ଦେବା ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯାଉଛି । ଏପରି ୪୦ଟି ଚୁଲା ଯୋଗାଇ ଦିଆଯାଇଛି ଓ ସେଗୁଡ଼ିକ ହିତାଧିକାରୀଙ୍କ ରୋଷେଇ ଘରେ ସ୍ଥାପନ କରାଯାଇଛି । ଅଧିକନ୍ତୁ ପରିଣାମଗତଭାବେ ଏହା ବୃଦ୍ଧିପାଇବ ଓ ଅନ୍ୟ ବନ ସଂରକ୍ଷଣ ସମିତିଗୁଡ଼ିକୁ ଏହା ଯୋଗାଇ ଦିଆଯିବ । ଏହାଦ୍ୱାରା ଜାଳେଣୀ କାଠ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା କମିବା ସହ ଜାଳେଣୀ କାଠ ଅଭାବ ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ ।

## Vision of Jungle ...

by **Kavi Samraat Upendra Bhanja**

ବିଚାରଇ ମାଳ ଯମକରେ କବି ମନେ ।
ବୁଲେ ରାମ ରାମ ରାମନେତ୍ରୀ ଘେନି ବନେ ।
ବୃହତ୍ ଭାନୁ ଭାନୁ ଭାନୁ ପ୍ରଭାତାପ ନାହିଁ ।
ବୃତ ତମାଳ ମାଳ ମାଳତୀ ଲତା ଯହିଁ । ୧ ।

ବହଇ ନିର୍ଝର ଝର ଝର ଅବିରତ ।
ବିଶେଷେ ତରଙ୍ଗ ରଙ୍ଗ ରଙ୍ଗଣୀ ଶୋଭିତ ।
ବହି ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର ଶୀତଳକୁ ବାତ ।
ବହି ମନ୍ଦ ମନ୍ଦ ମନ୍ଦସୁତ କରେରୁତ । ୨ ।

ବିଞ୍ଚେ ଘନ ଘନ ଘନ କୁଶ କଣ ଯଥା ।
ବୃଷ୍ଟି ମଧୁର ମଧୁର ମଧୁରଜେ ତଥା ।
ବିଭ୍ରାଜିତ ଭୃଙ୍ଗଭୃଙ୍ଗ ଭୃଙ୍ଗକରେ କେଳି ।
ବନି ବନି ବନୀତା ଯେ ପୁଷ୍ପ ହାସେଝଳି । ୩ ।


# ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ



ସଚିବାଳୟରେ ଡିସେମ୍ବର ୧୦ ତାରିଖରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ ବସି ବିଭିନ୍ନ କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ସଭାପତି ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । କୃଷି ଉତ୍ପାଦନ କମିଶନର ତଥା ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ଶ୍ରୀ ସତ୍ୟପ୍ରକାଶ ନନ୍ଦ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଏସ୍.ସି. ମହାନ୍ତି, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ବି,କେ, ପଟ୍ଟନାୟକ, ଶ୍ରୀ ଡି.ପି. ଦାସ ସ୍ୱତନ୍ତ୍ର ସଚିବ ଅର୍ଥ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଡଃ ଆର.ଭି. ସିଂହ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଶ୍ରୀ ଜେ.ପି. ଅଗ୍ରୱାଲ ଏବଂ ରାଜସ୍ୱ ବିଭାଗର ଯୁଗ୍ମ ସଚିବ ଶ୍ରୀ ଏମ୍.ଡ଼ି. ବାରିକ ପ୍ରମୁଖ ବୈଠକରେ ଯୋଗଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂସଲ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଜେ.ପି. ସିଂହ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ଓ ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆର.ଏନ୍. ସାହୁ ପ୍ରମୁଖ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ବୈଠକରେ ଯୋଗଦେଇଥିଲେ ।

# ଜାଇକା ମିଶନ ପରିଦର୍ଶନ









ଜାଇକାର ଲିଡ୍ ଡେଭେଲପମେଣ୍ଟ ସ୍ପେଶାଲିଷ୍ଟ ଶ୍ରୀ ବିନିତ ସରିନ ଏବଂ ମିସ୍ ନାମି ସିନୋହାରାଙ୍କୁ ନେଇ ଦୁଇଜଣିଆ ସମୀକ୍ଷା ମିଶନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପକୁ ୨୦୦୮ ଡିସେମ୍ବର ୩ ରୁ ୬ ତାରିଖ ଯାଏଁ ପରିଦର୍ଶନ କରିଥିଲେ । ଭୁବାନେଶ୍ୱରରେ ପହଞ୍ଚିବା ପରେ ସେମାନେ ଅନଗୁଳ ବନଖଣ୍ଡକୁ କ୍ଷେତ୍ର ପରିଦର୍ଶନ ନିମନ୍ତେ ଯାଇଥିଲେ । ସମୀକ୍ଷା ମିଶନ ଅନଗୁଳ, ଦେବଗଡ଼ ଓ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବନ ସଂରକ୍ଷଣ ସମିତିଗୁଡ଼ିକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦେଖିବା ସମେତ ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମରେ ନିର୍ମାଣ କରାଯାଇଥିବା ପରିସମ୍ପତ୍ତି ବୁଲି ଦେଖିଥିଲେ ତଥା କେତେକ ବନ ସଂରକ୍ଷଣ ସମିତିର ହିସାବଖାତା ଓ ଅନ୍ୟ କାଗଜପତ୍ର ତନଖି କରିଥିଲେ । ପରିଦର୍ଶନର ଶେଷ ଦିନରେ ସେମାନେ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ପ୍ରକଳ୍ପର ଅନ୍ୟ ଅଧିକାରୀଙ୍କ ସହ ମିଶି ପ୍ରକଳ୍ପ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ଏହି ମିଶନ ପ୍ରକଳ୍ପର ଅଗ୍ରଗତିକୁ 'ଭଲ' ବୋଲି ମାନ୍ୟତା ଦେଇଥିଲେ ।



# ସୂଚନା ପ୍ରଣାଳୀ ପରିଚାଳନା (MIS) ଉପରେ ତାଲିମ

ସୂଚନା ପ୍ରଣାଳୀ ପରିଚାଳନା (MIS) ରେ ବିଭିନ୍ନ ବୃକ୍ଷରୋପଣ ସଂକ୍ରାନ୍ତ ଭିନ୍ନ ଭିନ୍ନ ଫର୍ମାଟ ଓ ରିପୋର୍ଟ ବ୍ୟବସ୍ଥାକୁ ଠିକ୍‌ଭାବେ ବୁଝି କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପ ପକ୍ଷରୁ ଦିନିକିଆ ତାଲିମ ତଥା ଅଭ୍ୟାସ କରାଇବା ଶିବିର ଡିସେମ୍ବର ଚାରି ତାରିଖରେ ପ୍ରକଳ୍ପ ପରିଚାଳନା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା । ଓଏଫଏସଡ଼ିପିର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡ଼ି) ଡଃ ଜେ.ପି. ସିଂହ ଶିବିରକୁ ଉଦ୍‌ଘାଟନ କରିଥିଲେ ଓ ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଏମପି/ଏମଇ) ଶ୍ରୀ ଏ.ସି. ଦିନାକର ଧନ୍ୟବାଦ ଦେଇଥିଲେ ।

ପ୍ରତ୍ୟେକ କାର୍ଯ୍ୟକାରୀ ସ୍ତରରେ ପ୍ରକଳ୍ପ ବ୍ୟବହାର କରୁଥିବା ସୂଚନା ପ୍ରଣାଳୀ ପରିଚାଳନା ବ୍ୟବସ୍ଥାର ବିଶେଷତ୍ୱ ବୁଝାଇବା ହିଁ ଏହି ତାଲିମ ଶିବିର ଆୟୋଜନର ମୁଖ୍ୟ ଲକ୍ଷ୍ୟ ଥିଲା । ପ୍ରତି ପ୍ରକଳ୍ପ ଡିଭିଜନରୁ ତିନିଜଣ ଯଥା ବନ ସମ୍ପ୍ରସାରଣ ଅଧିକାରୀ (ଏଫଇଓ), ବନ ସଂରକ୍ଷଣ ସମିତି ସଭ୍ୟ ସଚିବ ଓ ଜଣେ ଡାଟା ଏଣ୍ଟ୍ରି ଅପରେଟର (ପ୍ରତି ଡିଭିଜନରୁ ଜଣେ) ଏଥିରେ ଭାଗ ନେଇଥିଲେ ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ନିଗମର ସାଧାରଣ ପରାମର୍ଶଦାତାର ଏମ ଆଣ୍ଡ ଇ / ଏମଆଇଏସ ବିଶେଷଜ୍ଞ ଶ୍ରୀ ସଲଭ ଭରଦ୍ୱାଜ ପ୍ରଶିକ୍ଷଣ ଦେଇଥିଲେ । ପ୍ରତି କାର୍ଯ୍ୟକାରୀସ୍ତରରେ ସଠିକ୍ ତଥ୍ୟ ସଂଗ୍ରହ, ସମୟାନୁବର୍ତ୍ତୀ ତଥ୍ୟ ପ୍ରଦାନ ଓ ସହଜ ସଙ୍କଳନ ପାଇଁ ତଥା ଫଳପ୍ରଦ ଯାଞ୍ଚ ଏବଂ ମୂଲ୍ୟାୟନ ନିମନ୍ତେ ସେ 'ଏକସମାନ', 'ସରଳ' ଓ 'କାର୍ଯ୍ୟକ୍ଷମ' ସୂଚନା ପ୍ରଣାଳୀ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରକଳ୍ପ ସୂଚନା ପ୍ରଣାଳୀ ପରିଚାଳନାରେ ଥିବା ତଥ୍ୟ ଫର୍ମାଟକୁ ସେ ବୁଝାଇବା ସହ ସରଳତା ଓ ସ୍ୱୟଂ ବୁଝାଉଥିବା ଆଧାର ଉପରେ ଗୁରୁତ୍ୱ ଦେଇଥିଲେ ।

ସୂଚନା ପ୍ରଣାଳୀ ପରିଚାଳନାର ବ୍ୟବହାର ଉପରେ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ଆତ୍ମବିଶ୍ୱାସ ଦର୍ଶାଇବା ସହ ବିକଶିତ ସୂଚନା ପ୍ରଣାଳୀ ପରିଚାଳନାର କାର୍ଯ୍ୟକାରିତା ଦ୍ୱାରା ସମୟର ସଞ୍ଚୟ ହେବା ସହ କାର୍ଯ୍ୟକାରିତା ମଧ୍ୟ ବୃଦ୍ଧିପାଇବ ବୋଲି କହିଥିଲେ । ପ୍ରଶିକ୍ଷାର୍ଥୀଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ଏହି ଫର୍ମାଟଗୁଡ଼ିକ ଅଧିକ ଶାଣିତ ହେବ ଏବଂ ଗ୍ରହଣଯୋଗ୍ୟତା ପାଇଁ ଓଡ଼ିଆରେ ଅନୁବାଦ ହେବ ।



# ଜୀବିକା ନିର୍ବାହ ଓ ପ୍ରୋତ୍ସାହନର ରଣନୀତି ଉପରେ ତାଲିମ

'ଜୀବିକା ନିର୍ବାହ ଓ ପ୍ରୋତ୍ସାହନର ରଣନୀତି' ପାଇଁ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ୧୫ ଡିସେମ୍ବରରୁ ୧୯ ଡିସେମ୍ବର ଯାଏଁ ପିଏମ୍ୟୁରେ ପାଞ୍ଚଦିନିଆ ତାଲିମ ଶିବିର ଆୟୋଜନ କରାଯାଇଥିଲା । 'ଦି ଲାଇଭଲିହୁଡ଼ ସ୍କୁଲ' ର ପୂର୍ବାଞ୍ଚଳ ଆଞ୍ଚଳିକ କେନ୍ଦ୍ର କୋଲକତା ସହାୟତାରେ ଏହା ଆୟୋଜନ କରାଯାଇଥିଲା । ପ୍ରକଳ୍ପ ଅନ୍ତର୍ଗତ ୧୧ଟି ବନଖଣ୍ଡର ୨୨ ଜଣ ଗ୍ରାମ ବନ ସେବକ (ବନ ସଂରକ୍ଷଣ ସମିତି ସଭ୍ୟ ସଚିବ) ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ) ଡଃ ଜେ.ପି. ସିଂହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏପରି କାର୍ଯ୍ୟକ୍ରମରୁ ଅନ୍ତର୍ନିହିତ ଶିକ୍ଷା ସୁଯୋଗର ଲାଭ ଉଠାଇବା ଉପରେ ଆଲୋକପାତ କରିଥିଲେ ।

ଜୀବିକା ନିର୍ବାହର ବିଭିନ୍ନ ପନ୍ଥା, ତାକୁ ପ୍ରୋତ୍ସାହନ ଦେବାର ଯୋଜନା ଏବଂ ଭିନ୍ନ ଭିନ୍ନ ପରିସ୍ଥିତିରେ ସାମାଜିକ ଓ ଅର୍ଥନୈତିକ ଗତିକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକୁ ବୁଝି ଆଗାମୀ ଜୀବିକା ନିର୍ବାହ କ୍ଷେତ୍ରରେ ହସ୍ତକ୍ଷେପ କରିବା ଦିଗରେ ବନ ଅଧିକାରୀମାନଙ୍କୁ ତାଲିମ ଦେଇ ପ୍ରସ୍ତୁତ କରିବା ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଭିନ୍ନ ଭିନ୍ନ ପ୍ରକାର ହସ୍ତକ୍ଷେପକୁ ଚିହ୍ନଟ କରିବା ପାଇଁ କାରିଗରୀ କୌଶଳ, ବଜାର ସ୍ଥିତି, ଜଙ୍ଗଲଜାତ ଦ୍ରବ୍ୟ, ସ୍ଥାନୀୟ ଅର୍ଥନୀତିକୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣକୁ ବୁଝି ସରକାରୀ ଓ ବେସରକାରୀସ୍ତରରେ ଜୀବିକା ନିର୍ବାହ ନିମନ୍ତେ ହେଉଥିବା ପ୍ରୋତ୍ସାହନ ଯୋଜନାର ଅଣୁ ଓ ଅଣୁସ୍ତରୀୟ କାର୍ଯ୍ୟକ୍ରମ ସହ ମିଳିତଭାବେ କାର୍ଯ୍ୟ କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

ଉଦ୍‌ଯାପନ ସମାରୋହରେ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ) ଡଃ ଜେ.ପି. ସିଂହ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ମତାମତ ମାଗିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ।

# ଜୀବିକା ନିର୍ବାହ ସୁଯୋଗର ପର୍ଯ୍ୟାଲୋଚନା ଉପରେ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା

ମାର୍ଟ ଦ୍ୱାରା ୧୪ଟି ପ୍ରକଳ୍ପ ବନଖଣ୍ଡରେ କରାଯାଉଥିବା 'ଜୀବିକା ନିର୍ବାହ ସୁଯୋଗ ସର୍ଭେ' ଉପରେ ଭୁବନେଶ୍ୱରରେ ନଭେମ୍ବର ୫ ତାରିଖରେ ଏକ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଆୟୋଜନ କରାଯାଇଥିଲା । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ବଂସଲ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ ।

ଏହି ସର୍ଭେରୁ ପ୍ରାପ୍ତ ପ୍ରାଥମିକ ତଥ୍ୟକୁ ମାର୍ଟ ପକ୍ଷରୁ ଆଲୋଚନା କରାଯାଇଥିଲା । କୃଷି, ଉଦ୍ୟାନ କୃଷି, ଅଣକାଷ୍ଠ ବନଜାତ ଦ୍ରବ୍ୟ, ଅଣ କୃଷି ଓ କୃଷି ଭିନ୍ନ କ୍ଷେତ୍ରଗୁଡ଼ିକରେ ମୁଖ୍ୟ ଜିବୀକା ନିର୍ବାହ ସୁଯୋଗକୁ ଗୁରୁତ୍ୱ ଦିଆଯାଇଥିଲା, ଯାହାକି ରୋଜଗାରକ୍ଷମ କାର୍ଯ୍ୟକ୍ରମ ଉପଯୋଗିତା ଦୃଷ୍ଟିରୁ ଗ୍ରହଣ କରାଯାଇପାରିବ । ଏହି ପର୍ଯ୍ୟାଲୋଚନା ପରେ ପ୍ରକଳ୍ପ ତାର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିହେବ । ଜୀବିକା ନିର୍ବାହ ସୁଯୋଗ ବିଶ୍ଳେଷଣ କରିବା ପାଇଁ କେଉଁ ପଦ୍ଧତି ଅନୁସରଣ କରାଯାଉଛି ସେ ନେଇ ମାର୍ଟର ଉପସ୍ଥାପନ ଶେଷ ହେବା ପରେ ଅଂଶଗ୍ରହଣକାରୀମାନେ ସର୍ଭେରୁ ପ୍ରାପ୍ତ ତଥ୍ୟ ଉପରେ ଗଭୀରଭାବେ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ



ନିଜର ମତ ଦେଇଥିଲେ । ଶେଷରେ ବନଖଣ୍ଡ ଅନୁସାରେ ପ୍ରମୁଖ କାର୍ଯ୍ୟପନ୍ଥାକୁ ସୂଚାଇ ଦିଆଯାଇଥିଲା । ପ୍ରକଳ୍ପର ବିଷୟବସ୍ତୁ ଓ ଲକ୍ଷ୍ୟ ଗୋଷ୍ଠୀ ବିଷୟବସ୍ତୁକୁ ଆଧାର କରି ଭବିଷ୍ୟତ ଆୟକାରୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦେଇ ଶ୍ରୀଯୁକ୍ତ ବଂସଲ କର୍ମଶାଳା ଉଦ୍‌ଯାପନ କରିଥିଲେ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅଧିକାରୀମାନଙ୍କ ଭିନ୍ନ ନାବାର୍ଡ଼, ଓରମାସ, ତୃପ୍ତି, ଓର୍ଲପ, ଉଦ୍ୟୋଗ ବିକାଶ, ଟିଡ଼ିସିସି, ଓସିଟିଏମପି, ଓୟୁଏଟିର ଅଧିକାରୀ ଓ ବିଶେଷଜ୍ଞ ତଥା ସିଓ୍ୱାଇଏସଡ଼ି, ଫେସ୍, ସିପିଏସଡ଼ବ୍ଲ୍ୟୁ, ପ୍ରଦତ୍ତ, ଆଇଏଇଇଟି ଓ ଏଚଡ଼ିଆଇ ପରି ସମ୍ବଳ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଏବଂ ସିଟିଆରଏଏନ, ଏସିସିଇଏସଏସ, ଇଡ଼ିଆଇଆଇ, ଏଡ୍–ଏଟ–ଆକ୍ସନ ପରି ପରାମର୍ଶଦାତା ସଂସ୍ଥା ଏହି କର୍ମଶାଳାରେ ଯୋଗଦେଇଥିଲେ ।

# ଚୁଟିଆଟୋଲା ବନ ସଂରକ୍ଷଣ ସମିତି....

## ଉଦାସୀନତାରୁ ଆସକ୍ତିଆଡ଼କୁ ଯାତ୍ରା



ଚୁଟିଆଟୋଲା, କୁଆଁରମୁଣ୍ଡା ରାଜସ୍ୱ ଗ୍ରାମର ଏକ ପଡ଼ା । ୯୩ ପରିବାରକୁ ନେଇ ଏହି ପଡ଼ାଗ୍ରାମ । ବହୁ ଦଶନ୍ଧି ଧରି ଗ୍ରାମବାସୀ ନିଜର ଜାଳେଣୀ କାଠ ଓ ଅନ୍ୟାନ୍ୟ କାଠ ଚାହିଦା ମେଣ୍ଟାଇବା ପାଇଁ ପାଖ ଜଙ୍ଗଲ ଉପରେ ନିର୍ଭର କରୁଥିଲେ । କୁଆଁରମୁଣ୍ଡା ଅଞ୍ଚଳରେ ଛତୁ ଫୁଟିଲା ପରି ଇସ୍ପାତ କାରଖାନା ଏବଂ ଧୂଆଁ ଓ ଧୂଳି ଉଡ଼ାଉଥିବା କାରଖାନା ଖୋଲୁଥିବା ଏବଂ ଗଛ କଟାଯିବା ଦ୍ୱାରା ହେଉଥିବା କ୍ଷତିକୁ କେତେକ ସ୍ଥାନୀୟ ଯୁବକ ବୁଝିପାରିଲେ । ସେମାନେ ସ୍ୱାଧୀନତା ସଂଗ୍ରାମୀ ବିଶ୍ରା ମୁଣ୍ଡାଙ୍କ ନାମରେ ଏକ କ୍ଲବ୍ ଖୋଲିଲେ ଓ ଲୋକଙ୍କୁ ଜଙ୍ଗଲଜାତ ଦ୍ରବ୍ୟର ସଠିକ୍ ବିନିଯୋଗ ଓ ଗ୍ରାମ୍ୟ ପରିମଳ ନେଇ ବୁଝାଇଲେ । ଜଙ୍ଗଲ ଜଗିବା ପାଇଁ ସେମାନେ କୁଆଁରମୁଣ୍ଡା ବନପାଳଙ୍କୁ ନିବେଦନ କଲେ । ଫଳରେ ୨୦୦୭ରେ ଏହି ଗ୍ରାମକୁ ପ୍ରକଳ୍ପରେ ସାମିଲ କରାଗଲା ।

ସେମାନଙ୍କୁ ପ୍ରଦତ୍ତ ଜଙ୍ଗଲ ପୂର୍ବ–ପଶ୍ଚିମ ଦିଗରେ ଥିବା ଦୁଇ ପାହାଡ଼ ଉପରେ ରହିଛି । ଗ୍ରାମ ପାଖରେ ଥିବା ପାଖାପାଖି ୩୦ ହେକ୍ଟରର ଜଙ୍ଗଲରେ ସେତେ ଭଲ ଉଦ୍ଭିଦ ନାହିଁ । ତେବେ ଦକ୍ଷିଣ ଦିଗରେ ଥିବା ୪୭ ହେକ୍ଟର ବିଶିଷ୍ଟ ଜଙ୍ଗଲରେ ଭଲ ଉଦ୍ଭିଦ ଅଛି । ଏହିପରିଭାବେ ଗ୍ରାମରେ ୨୦୦୭ରେ ଗଠିତ ବନ ସଂରକ୍ଷଣ ସମିତିର ଯୁଗ୍ମ ବନ ପରିଚାଳନା ଅଞ୍ଚଳ ୭୭.୭୮ ହେକ୍ଟର ରହିଛି ।

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ସମନ୍ୱୟର ସୁଯୋଗ 'ଗ୍ରାମ ବିକାଶ' ଦ୍ୱାରା ଗ୍ରାମ୍ୟ ପରିମଳ ବ୍ୟବସ୍ଥାର ବିକାଶ**

ପିଆରଏ ବେଳେ ଗ୍ରାମ୍ୟ ପରିମଳ ମୁଖ୍ୟ ସମସ୍ୟା ବୋଲି ଜଣାପଡ଼ିଲା ଓ ତାହାକୁ ଯଥାଶୀଘ୍ର ଅନ୍ୟ ଆଗ୍ରହୀ ସଂସ୍ଥା ସହ ମିଶି ସମାଧାନ କରାଯିବ ବୋଲି ବିଚାର କରାଗଲା । 'ଗ୍ରାମ ବିକାଶ' ସଂସ୍ଥା ଗ୍ରାମର ସମସ୍ତ ପରିବାରକୁ ପାଇଖାନା ଓ ଗାଧୁଆ ଘର ଯୋଗାଇ ଦେବାକୁ ରାଜି ହେଲା ତେବେ ସେଥିପାଇଁ ମୂଳଦୁଆ ଏବଂ ୩ ଫୁଟ ପ୍ଲିନ୍ଥ ଯାଏଁ ହେଉଥିବା ଖର୍ଚ୍ଚ ସମ୍ପୃକ୍ତ ପରିବାର ବହନ କରିବ ବୋଲି ସର୍ତ୍ତ ରଖିଥିଲା । ଘର କେମିତି ତିଆରି ହେବ ଓ ସେଥିରେ କେଉଁ କାରିଗରୀ କୌଶଳ ବ୍ୟବହାର କରାଯିବ ତାହା ଗ୍ରାମ ବିକାଶର ତତ୍ତ୍ୱାବଧାନରେ ହେବ । ତିନି ଫୁଟ ଉପରକୁ ହେବାକୁ ଥିବା ନିର୍ମାଣ ତଥା ପାଇଖାନା ଫିଟିଂ ଲଗାଇବା ଖର୍ଚ୍ଚ ସଂସ୍ଥା ବହନ କରିବ । ଉଦାହରଣ ସ୍ୱରୂପ ପ୍ରତି ପରିବାରର ଜମାଖାତାରେ ୧୦୦୦ ଟଙ୍କା ଜମା କରିଦିଆଯିବ । ପ୍ରତି ଘରକୁ ପାଣି ଯୋଗାଇ ଦେବାକୁ ଗୋଟିଏ ବୋରୱେଲ ଏବଂ ମୁଣ୍ଡ ଉପର ପାଣିଟାଙ୍କି ନିର୍ମାଣ କରିବାକୁ ସଂସ୍ଥା ରାଜି ହୋଇଥିଲା । ଡିସେମ୍ବର ୨୦୦୮ ସୁଦ୍ଧା ଗ୍ରାମରେ ଏପରି ୩୦ଟି ମୂଳଦୁଆର ନିର୍ମାଣ ଶେଷ ହୋଇଛି । 'ଗ୍ରାମ ବିକାଶ'ବ୍ରିଟେନର ମେସିୟରରୁ ମିଳୁଥିବା ଅର୍ଥକୁ ଏହି କାମରେ ବ୍ୟବହାର କରୁଛି । ଏହାବାଦ 'ଗ୍ରାମ ବିକାଶ' ମଧ୍ୟ ଭାରତୀୟ ଇସ୍ପାତ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏ ଦିଗରେ ଟଙ୍କା ଖର୍ଚ୍ଚ କରିବାକୁ କଥା ହୋଇଛି । ତାହା ହୋଇପାରିଲେ ତିନି ଫୁଟ ନିର୍ମାଣ ପାଇଁ ଲୋକେ କରିଥିବା ଖର୍ଚ୍ଚ ସେମାନେ ଫେରିପାଇବେ । ତେବେ ସମ୍ପୂର୍ଣ୍ଣ ନିର୍ମାଣ ହେଲେ ଏହା କରାଯିବ ।

**ସୋରିଷ ଓ ଗହମ ଚାଷ ପାଇଁ କୃଷି ବିଭାଗର ସହାୟତା**


୨୦୦୯–୧୦ରେ ଗ୍ରାମର ୨୭ଟି ପରିବାର ୩ ଏକର ଜମିରେ ସୋରିଷ ଓ ୧୨ ଏକର ଜମିରେ ଗହମ ଚାଷ କରିବାକୁ କୃଷି ବିଭାଗ ଚିହ୍ନଟ କରିଛି । ଗହମ ଚାଷ ପାଇଁ ଉନ୍ନତ ବିହନ, ସାର ଓ ଔଷଧ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି । ଏପର୍ଯ୍ୟନ୍ତ ତିନିଟି ପରିବାର ସୋରିଷ ଚାଷ କରୁଥିବାବେଳେ ୨୪ଟି ପରିବାର ଗହମ ଚାଷ କରୁଛନ୍ତି । ସେମାନଙ୍କୁ ପଥ ପ୍ରଦର୍ଶକର ମାନ୍ୟତା



ଦିଆଯାଇଛି ଓ ସେମାନଙ୍କ ଜମିଗୁଡ଼ିକୁ ପ୍ରଦର୍ଶନ ଜମି ବୋଲି କୁହାଯାଇଛି । ଜଣେ ଗ୍ରାମବାସୀଙ୍କୁ ଏସଆରଆଇ ପଦ୍ଧତିରେ ଧାନ ଉତ୍ପାଦନର ସୁବିଧା ଦିଆଯାଇଛି ।

ପ୍ରକଳ୍ପ ଗ୍ରାମ ଚୁଟିଆଟୋଲାର ଏହି କାର୍ଯ୍ୟଗୁଡ଼ିକ ଗ୍ରାମକୁ ସ୍ୱୟଂ ପ୍ରତିପାଳନ କୃଷି ଏବଂ ସୁସ୍ଥ ଓ ସୁନ୍ଦର ବନାଞ୍ଚଳ ପ୍ରଦାନ କରିବ । ଗ୍ରାମବାସୀ ଏବେ ଅନୁଭବ କଲେଣି ଯେ ବୃକ୍ଷ ବଞ୍ଚିଲେ ହିଁ ମାନବ ସମାଜ ବଞ୍ଚିବ । ଏହା ହିଁ ସେମାନଙ୍କୁ ଜାଳେଣୀ କାଠ ଓ ଚାରା ପାଇଁ ଜଙ୍ଗଲ ଉପରେ ନିର୍ଭର କରିବା କମାଇ ଦେଇଛି । ଗ୍ରୀଷ୍ମ ଋତୁରେ ପାଣି ଦେବାକୁ ସେମାନେ ନିଜକୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି ପାଳି ଅନୁସାରେ ଗଛରେ ପାଣି ଦେଉଛନ୍ତି । ଗାଈଗୋରୁଙ୍କ ପ୍ରଭାବରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ଗ୍ରାମବାସୀ ନିଜ ପାଣ୍ଠିରୁ ଦୁଇଜଣ ଜଗୁଆଳୀଙ୍କୁ ନିଯୁକ୍ତ କରିଛନ୍ତି । ଜାଳେଣୀ ଓ ଚାରା ପାଇଁ ଉଦ୍ଦିଷ୍ଟ ବନାଞ୍ଚଳରେ ନିଜର ଅତିଆବଶ୍ୟକ ଚାରା ଚାହିଦା ମେଣ୍ଟାଇବା ପାଇଁ ସେମାନେ ପରୀକ୍ଷାମୂଳକଭାବେ ନାପିଏର ଘାସ ଚାଷ କରିଛନ୍ତି । ଅଧିକ ଲାଭ ଦେଉଥିବା ଭିନ୍ନ ଜାତିର ଆମ୍ବ ଓ ପଣସ ଚାରା ଯୋଗାଇଦେବାକୁ ଉଦ୍ୟାନକୃଷି ଓ ଆୟ ବଢ଼ାଇବାକୁ 'ବଣରାଜ କୁକୁଡ଼ା' ଯୋଗାଇ ଦେବାକୁ ପଶୁସମ୍ପଦ ବିଭାଗ ସହ କଥାବାର୍ତ୍ତା ଚାଲିଛି । ସେମାନେ ଏହି ଗଛ ନିଜ ବାଡ଼ିରେ ହିଁ ଲଗାଇବାକୁ ଯୋଜନା କରିଛନ୍ତି । ଏହି ଦୁଇ କାର୍ଯ୍ୟ ପାଇଁ କୃଷି ଉତ୍ପାଦନ କମିଶନର ତଥା ପ୍ରକଳ୍ପ ପରିଚାଳନା ବୋର୍ଡ଼ର ଅଧ୍ୟକ୍ଷ ଗ୍ରାମକୁ ତାଙ୍କ ପରିଦର୍ଶନବେଳେ ପରାମର୍ଶ ଦେଇଥିଲେ ।

**ନଳିନୀକାନ୍ତ ବେହେରା,** କୁଆଁରମୁଣ୍ଡା ଏଫଏମୟୁ ମୁଖ୍ୟ



## ଆମ୍ବ ବଗିଚା

## ଜୀବିକା ନିର୍ବାହ ସହଯୋଗ ନିମନ୍ତେ ବୃକ୍ଷରୋପଣ

ପ୍ରଥମ ଦଫା କାର୍ଯ୍ୟକ୍ରମବେଳେ କୁଞ୍ଜରିଆ ବନ ସଂରକ୍ଷଣ ସମିତିକୁ ପ୍ରକଳ୍ପରେ ସାମିଲ କରାଯାଇଥିଲା । ବୃକ୍ଷରୋପଣ ଋତୁରେ ଯୁଗ୍ମ ବନ ପରିଚାଳନା ଅଞ୍ଚଳ ନିକଟରେ ବନ ସଂରକ୍ଷଣ ସମିତିକୁ ଆମ୍ବ ବଗିଚା ସୃଷ୍ଟି କରିବାକୁ ଉତ୍ସାହିତ କରାଯାଇଥିଲା । ବନ ସଂରକ୍ଷଣ ସମିତିକୁ ପ୍ରଦାନ କରାଯାଇଥିବା ୭୬ ହେକ୍ଟର ଅଞ୍ଚଳରୁ ୬୫ ହେକ୍ଟର ଅଞ୍ଚଳକୁ ଉପଚାର ଅଞ୍ଚଳଭାବେ ଗ୍ରହଣ କରାଯାଇଥିଲା । ଯୁଗ୍ମ ବନ ପରିଚାଳନା ବନାଞ୍ଚଳ ନିକଟରେ ଗ୍ରାମବାସୀ ୪.୫ ଏକର ଜମିରେ ଆମ୍ବ ବଗିଚା ସୃଷ୍ଟି କରି ୩୦୦ କଲମି ଆମ୍ବ ଗଛ (ନୀଲମ) ଲଗାଇଲେ । ବନ ସଂରକ୍ଷଣ ସମିତି ସଭ୍ୟମାନେ ଆମ୍ବ ବଗିଚାର ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି । ଗଛଗୁଡ଼ିକର ଅଭିବୃଦ୍ଧି ଏବେ ପରିପୁଷ୍ଟ । ସମୃଦ୍ଧ ଭବିଷ୍ୟତ ପାଇଁ ସୁଯୋଗ ଦେଇଥିବାରୁ ଓ ରାସ୍ତା ଦେଖାଇଥିବା ଗ୍ରାମବାସୀ ପ୍ରକଳ୍ପ ନିକଟରେ କୃତଜ୍ଞ ।

ବଣାଇ ବନଖଣ୍ଡର କୁଞ୍ଜରିଆ ବନ ସଂରକ୍ଷଣ ସମିତି



## ଶାଗୁଆନ ଉପରେ କର୍ମଶାଳା

ଶାଗୁଆନ ଚାରାରୋପଣର ଅଗ୍ରଗତି ଓ ସ୍ଥିତି ସମୀକ୍ଷା କରିବାକୁ ଏକ କର୍ମଶାଳା ୨୦୦୮ ଅକ୍ଟୋବର ୧୫ରେ ପ୍ରକଳ୍ପ ପରିଚାଳନା କେନ୍ଦ୍ରରେ ଆୟୋଜନ କରାଯାଇଥିଲା ।

ପିସିସିଏଫ ଓଡ଼ିଶା, ବନ ସଂରକ୍ଷକମାନେ, ବନଖଣ୍ଡ ଅଧିକାରୀ ତଥା ପ୍ରକଳ୍ପର ବନଖଣ୍ଡ ମୁଖ୍ୟମାନେ, ପ୍ରକଳ୍ପ ପରିଚାଳନା କେନ୍ଦ୍ରର ଅଧିକାରୀମାନେ ଓ ସାଧାରଣ ପରାମର୍ଶଦାତାର ମୁଖ୍ୟ ତଥା ଅନ୍ୟ ବିଶେଷଜ୍ଞମାନେ କର୍ମଶାଳାରେ ଯୋଗଦେଇଥିଲେ । ପ୍ରକଳ୍ପର ଅଂଶକୁ କାର୍ଯ୍ୟକାରୀ କରିବାକୁ ଉଦ୍‌ଘାଟନ କରି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ବୁଝାଇଥିଲେ । ଶାଗୁଆନ ବୃକ୍ଷରୋପଣର ଅଗ୍ରଗତି ନେଇ ସେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ଶାଗୁଆନ ବୃକ୍ଷରୋପଣ ପାଇଁ ଉପଯୁକ୍ତ ସ୍ଥାନ ବାଛିବା ଉପରେ ସେ ପରାମର୍ଶ ଦେଇଥିଲେ ।

ସାଧାରଣ ପରାମର୍ଶଦାତାର ମୁଖ୍ୟ ଭଲ ଅଭିବୃଦ୍ଧି ପାଇଁ ଉପଯୁକ୍ତ ସ୍ଥାନ ବାଛିବା ଉପରେ କହିବା ସହ ବୃକ୍ଷରୋପଣର ବିଭିନ୍ନ କୌଶଳ ଉପରେ ଧ୍ୟାନ ଆକର୍ଷଣ କରିଥିଲେ ।

ସପ୍ତାହକ ମଧ୍ୟରେ ମହଜୁଦ ଚାରାର ପୁନଃ ଆକଳନ ଓ ଧାର୍ଯ୍ୟ ଲକ୍ଷ୍ୟର ଆଗୁଆ ସମୀକ୍ଷା କରି ଜଣାଇବାକୁ ପ୍ରକଳ୍ପ ନିର୍ଦ୍ଦେଶକ ବନଖଣ୍ଡ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କିଛି ବନଖଣ୍ଡ ଅଧିକାରୀ କହିଥିଲେ ଯେ ଏବର୍ଷ ସ୍ୱଳ୍ପ ମଞ୍ଜି ବର୍ଷ ହୋଇଥିବା ଯୋଗୁଁ ଆବଶ୍ୟକ ପରିମାଣର ମଞ୍ଜି ସଂଗ୍ରହ କରାଯାଇପାରିଲା ନାହିଁ ।

ବନଖଣ୍ଡ ଅଧିକାରୀ ଓ ବନ ସଂରକ୍ଷକମାନଙ୍କୁ (୨୦୦୮ ବୃକ୍ଷରୋପଣ ଋତୁରେ ରୋପଣ ହୋଇଥିବା ଅଞ୍ଚଳ ସମେତ) କାର୍ଯ୍ୟ ଯୋଜନାରେ 'ବୃକ୍ଷରୋପଣ ଓ କାର୍ଯ୍ୟକାରୀ ସର୍କଲଗୁଡ଼ିକର ବିକାଶ' ନିମନ୍ତେ ପ୍ରଦତ୍ତ ଅଞ୍ଚଳ ପରିଦର୍ଶନ ତଥା ସମୀକ୍ଷା କରି ଓ ଉପଯୁକ୍ତତା ପରଖି ଅଧିକ ଅଞ୍ଚଳ ମନୋନୀତ କରିବାକୁ କୁହାଯାଇଥିଲା । ଯଦି ଏକ୍ଷେତ୍ରରେ କାର୍ଯ୍ୟ ଯୋଜନା ପରାମର୍ଶର ଉଲ୍ଲଂଘନ ହେଉଛି ତେବେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ତାହା ଅନୁମୋଦିତ କରାଇନେବେ । ଯଦି ପୁରୁଣା ଶାଗୁଆନ ଗଛ କାଟିବାର ଉପଯୁକ୍ତ ସମୟ ହୋଇଗଲାଣି ଓ ପୁନର୍ବାର ବୃକ୍ଷରୋପଣର ସମୟ ହୋଇଗଲାଣି, ତେବେ ସେହି ସ୍ଥାନ ମଧ୍ୟ ଉପଯୁକ୍ତ ଅଞ୍ଚଳଭାବେ ପ୍ରକଳ୍ପରେ ସାମିଲ କରାଯାଇପାରିବ ।

ମଞ୍ଜି ଯୋଗାଣ ଆବଶ୍ୟକତା ପୂରଣ ପାଇଁ ମଞ୍ଜି ସଂଗ୍ରହ ଓ ମୂଳ ପ୍ରକ୍ରିୟା ଚିହ୍ନିତ କରିଦିଆଗଲା । ୫୦୦୦୦ ମୂଳ ପ୍ରଶିକ୍ଷକ (Root Trainer) ଶାଗୁଆନ ଚାରା ଆଗାମୀ ବୃକ୍ଷରୋପଣ ଋତୁରେ ରୋପଣ ପାଇଁ ପ୍ରସ୍ତୁତ କରିବା ଏବଂ କ୍ଷେତ୍ର ପରିଦର୍ଶନରେ ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସ୍ଥାୟୀ ନର୍ସରୀଗୁଡ଼ିକର ଫଳପ୍ରଦ ବିକାଶ କରାଇବା ବିଷୟରେ ମଧ୍ୟ କୁହାଗଲା । ବନତତ୍ତ୍ୱବିତ୍‌ଙ୍କ ଦ୍ୱାରା ଉନ୍ନତ ମଞ୍ଜି ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ବିକାଶ କାର୍ଯ୍ୟ ଏବଂ ଗବେଷଣା ତଥା ବିକାଶ ବିଭାଗ ଦ୍ୱାରା ମଞ୍ଜି ପ୍ରମାଣପତ୍ର ପ୍ରଦାନ, ଶାଗୁଆନ ତଥା ଅନ୍ୟ ବୃକ୍ଷ ସଂକ୍ରାନ୍ତ ବିଭିନ୍ନ ନିଷ୍ପତ୍ତି କର୍ମଶାଳାରେ ଗ୍ରହଣ କରାଯାଇଥିଲା ।




### ପୋଷ୍ଟର (ନୂଆ)

୧. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ବନ ସଂରକ୍ଷଣ ସମିତିର ଭୂମିକା
୨. ବନ ସଂରକ୍ଷଣ ସମିତି ସଭ୍ୟଙ୍କ ଦାୟିତ୍ୱ
୩. ସଫଳ ବନ ସଂରକ୍ଷଣ ସମିତିର ବୈଶିଷ୍ଟ୍ୟ
୪. ସଫଳ ସ୍ୱୟଂ ସହାୟକ ଗୋଷ୍ଠୀର ସୂଚକ

OFSDP
Orissa Forestry Sector Development Project
Newsletter

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

ଉପ ପ୍ରକଳ୍ପ ନିର୍ଦ୍ଦେଶକ
E-mail : webmail@ofsdp.org,

**ପ୍ରକାଶକ** : **ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି,** ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର ଘାଟିକିଆ, ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୪୦୧୬
ଫ୍ୟାକ୍ସ : ୦୬୭୪–୨୩୮୪୦୮୫
E-mail : webmail@ofsdp.org
http:\\www.ofsdp.org
ମୁଦ୍ରାକାର : **ଜ୍ୟୋତିଗ୍ରାଫିକ୍ସ**
ଫୋନ : ୦୬୭୪–୨୫୪୪୨୦୯
E-mail : jyotigraphics@gmail.com